**ଗଛରୁ ପଡ଼ି ବୃଦ୍ଧଙ୍କ ଜୀବନ ଗଲା**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ମିରିଗିଖୋଜି ଗ୍ରାମରେ ସୋମବାର ଜଣେ ବୃଦ୍ଧ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ। ସୂଚନା ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ପରିବାର ସହ ଗ୍ରାମରେ ରହୁଥିଲେ। ସୋମବାର ଏକ ଶାଳ ଗଛକୁ ଜାଳେଣି କାଠ ଓ ଦାନ୍ତ କାଠି ସଂଗ୍ରହ ପାଇଁ ଗଛରୁ ଚଢ଼ି ଖସି ପଡ଼ିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଅନ୍ତିମ ସଂସ୍କାର କରିଥିଲେ ହେଁ ଥାନାରେ ଜଣାଇ ନଥିବା ପୋଲିସ ସୂତ୍ର ରୁ ପ୍ରକାଶ।

## ସଂକ୍ଷେପରେ

### ଜମା ଅର୍ଥ ନ ପାଇ ତାଲା ପକାଇଲେ ଜମାକାରୀ

**ଜଳେଶ୍ୱର, ୧୧।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଷ୍ଟେଶନବଜାର କାଳୀ ମନ୍ଦିର ସମ୍ମୁଖରେ ଗତ କିଛିବର୍ଷ ଧରି ସାହାରା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ଲିଃ. ନାମକ ଏକ ସଂସ୍ଥା ଖୋଲା ଯାଇଥିଲା । କିନ୍ତୁ ଗତ କିଛିମାସ ଧରି ଜମାକାରୀମାନେ ସେମାନଙ୍କ ଜମା ଅର୍ଥ ପାଉ ନ ଥିବାରୁ ସୋମବାର କେତେକ ଜମାକରୀ ଏକାଠି ହୋଇ ଫାଟକରେ ତାଲା ପକାଇ ଦେଇଛନ୍ତି। ଉକ୍ତ ସଂସ୍ଥା ବିଭିନ୍ନ ଲୋଭନୀୟ ଯୋଜନା ମାଧମରେ ଲୋକେ ଆକର୍ଷିତ ହୋଇ ଅର୍ଥ ନିବେଶ କରିଥିଲେ। ଏବେ ସେମାନଙ୍କ ଅର୍ଥ ଫେରସ୍ତ ସମୟ ହୋଇଥିବାରୁ ସେମାନେ କାର୍ଯ୍ୟାଳୟ ବାରମ୍ବାର ଯାଇ ନିରାଶ ହେଉଛନ୍ତି । ମିଲିଟାରୀ ବଜାରର ଶିବାନୀ ସାହୁ ଓ ଚନ୍ଦନ ସାହୁ, ରାୟାଁ ରାମଚନ୍ଦ୍ରପୁରର ଉମାକାନ୍ତ ରାଉଳ, ସର୍ବେଶ୍ୱର ରାଉଳ, ସିଂଲା ଥାନାର ପଥଦୁର୍ଗା ଗାଁର ଅବଦୁଲ ନସିରୁଦ୍ଦିନ ଖାଁ ପ୍ରମୁଖ ବହୁ ବ୍ୟକ୍ତି ଏପରି ଅଭିଯୋଗ କରିଛନ୍ତି ।

### ଯୁବକଙ୍କ ମୃତଦେହ ଜବତ

**ବାଲିଆପାଳ,୧୧।୪(ସ୍ୱ.ପ୍ର.):** ବାଲିଆପାଳ ଥାନା ଅନ୍ତର୍ଗତ ସିମୁଳିଆ ରାବଣ ପୋଡ଼ି ପଡ଼ିଆରେ ଥିବା ପାଣି ଟାଙ୍କି ସିଡି ପାହାଚରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଖଗଡ଼ାପାଳ ଗ୍ରାମର ଅଜୟ ଜେନା (୪୫)। ଅଜୟ ଶନିବାର ରାତିରେ ଘରକୁ ଫେରି ନ ଥିଲେ। ଘର ଲୋକେ ତାଙ୍କୁ ଫୋନ୍ କରିଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ରାବିବାର ସକାଳେ ଲୋକମାନେ ଅଜୟଙ୍କୁ ପାଣି ଟାଙ୍କି ଶିଡ଼ି ପାହାଚରେ ପଡ଼ିଥିବା ଦେଖି ବାଲିଆପାଳ ଥାନା ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବାଲିଆପାଳ ଏଏସ୍ଆଇ ପିଥ ହେମ୍ବ୍ରମ ପହଞ୍ଚି ମୃତଦେହ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ କରିବାକୁ ପଠାଇଛନ୍ତି। ଏନେଇ ବାଲିଆପାଳ ଥାନାରେ ମାମଲା (ନଂ. ୧୧/୨୨) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

### ଭଡା ଘରୁ ଫାର୍ମାସିଷ୍ଟ ଛାତ୍ରଙ୍କ ମୃତଦେହ ଜବତ

**ସାରସକଣା, ୧୧।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଷ୍ଟ ଅଫିସ ପଛ ପାଖ ଏକ ଭଡାଘରୁ ଜଣେ ଫାର୍ମାସିଷ୍ଟ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଉଛନ୍ତି ବିଶୋଇ ଥାନା ନଙ୍ଗଳବେଣ୍ଟା ପୋଖରିଆ ଗ୍ରାମର ବିଶ୍ୱଭୂଷଣ ହରିଚନ୍ଦନ ମହାନ୍ତ। ସେ ସାମାନ୍ତ ଫାର୍ମାସିଷ୍ଟ କଲେଜର ଡି ଫାର୍ମ ଶେଷବର୍ଷର ଛାତ୍ର ଥିଲେ। ସୋମବାର ସକାଳେ ତାଙ୍କ ସାଙ୍ଗମାନେ ଭଡାଘରକୁ ଯାଇ ବିଶ୍ୱଭୂଷଣଙ୍କୁ ଡାକିଥିଲେ ମଧ ସେ ଶୁଣି ନ ଥିଲେ। ପରେ ସେମାନେ ପଛପଟ ଝରକା ପଟେ ବିଶ୍ୱଭୂଷଣ ଫ୍ୟାନରେ ଝୁଲୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ମୁକ୍ତି କୁମାର କୁଲୁ, ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ଏକ ମାମଲା(ନଂ. ୮/୨୨) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

### ୨ ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ

**ଭଦ୍ରକ ଅଫିସ, ୧୧।୪:** ଭଦ୍ରକ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ପରିସରରେ ସୋମବାର ନିର୍ମାତା ଶିକ୍ଷାବିତ୍ ସ୍ୱର୍ଗତ କିଶୋରୀ କିଙ୍କର ଦାସ ଓ ନରେନ୍ଦ୍ର ପ୍ରସାଦଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଜିଲା ଜଜ୍ ଅଶ୍ୱିନୀ କୁମାର ମହାପାତ୍ର ଯୋଗଦେଇ ଦୁଇ ଶିକ୍ଷାବିତ୍‌ଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ରୋଟାରି କ୍ଲବର ପୁରସ୍କାର ସମିତି ଅଧକ୍ଷ ସୀତାକାନ୍ତ ଦାସ, ପରିଚାଳନା ସମିତି ସଭାପତି ଅକ୍ଷୟ ପଣ୍ଡା, ରୋଟାରିଆନ ବିଜୟ ସାହୁ, ରଙ୍ଗବଲ୍ଲଭ ଜେନା, ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ସ୍ମୃତି ସମିତି ଉପସଭାପତି ଅନାଦି ଦାଶ। ପ୍ରଧାନଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ରୋଟାରିଆନ ମନୋଜ ସାହୁଙ୍କ ପରିଚାଳନାରେ କୃତୀ ଛାତ୍ରୀଛାତ୍ରଙ୍କୁ କ୍ଲବ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ରାତି ଦିନ ଚାଲିଛି ମାଟି ବୁହା

## ପ୍ରଶାସନ-ମାଟିମାଫିଆ ସଲାସୁତୁରା

**ରୂପସା, ୧୧।୪(ଡି.ଏନ.ଏ.)**



ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଗଡ଼ପଦା ପଞ୍ଚାୟତରେ ଗୋଚର ଜମିରୁ ବେଆଇନ ମାଟିଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ରବିବାର ଗଣମାଧମ ପ୍ରତିନିଧିଙ୍କ ପକ୍ଷରୁ ଖୋଳତାଡ କରାଯାଇଥିଲା। ଏହି ପଞ୍ଚାୟତର ଷଣ୍ଢଗଡ଼ିଆ ନିକଟରେ ଗୋଚର ଜମିରୁ ଜେସିବି ଯୋଗେ ମାଟି ଖୋଳି ଟ୍ରାକ୍ଟରରେ ଲୋଡ଼ିଂ ହୋଇ ବାହାରକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଗଣମାଧମ ପ୍ରତିନିଧିମାନେ ମୋବାଇଲରେ ଫଟୋ ଓ ଭିଡ଼ିଓ ଉତ୍ତୋଳନ କରିବା ପରେ ଡ୍ରାଇଭରମାନେ ଜେସିବି ଓ ସବୁ ଟ୍ରାକ୍ଟର ନେଇ ସେଠାରୁ ଚମ୍ପଟ ମାରିଥିଲେ। କିନ୍ତୁ ସେଠାରେ ପହଞ୍ଚିଥିବା ନାଏବ ସରପଞ୍ଚଙ୍କୁ ପଚରାଯିବାରୁ ସେ ନିଜେ ଏହି ମାଟି ଖୋଳୁଥିବା କହିଥିଲେ। ଆର୍‌ଆଇ ଓ ତହସିଲଦାରଙ୍କୁ ଜଣାଇ ସେଠାରେ ଥିବା ଶ୍ମଶାନ ପାଇଁ ଗାଁ ତରଫରୁ ଏକ ପୋଖରୀ ଖୋଳାଯାଉଛି ବୋଲି ମଧ ସ୍ୱୀକାର କରିଥିଲେ। କିନ୍ତୁ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ଅନୁମତିପତ୍ର ଦେଖାଇ ପାରି ନ ଥିଲେ। ବିଭିନ୍ନ ସ୍ଥାନରେ ସରକାରୀ ଜମିରୁ ବେଆଇନ ମାଟି ଖୋଳା ସମ୍ପର୍କରେ ସ୍ଥାନୀୟ ଲୋକେ ପୂର୍ବରୁ ବାରମ୍ବାର ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ରୂପସା ଥାନାଧିକାରୀଙ୍କୁ ଅବଗତ କରାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସମସ୍ତଙ୍କୁ ଚକିତ କରିଛି। ସରକାରୀ ଗୋଚର ଜମିରୁ ମାଟି ମାଫିଆ ଓ ଦଲାଲ ମିଶି ଜେସିବି ଏବଂ ଟ୍ରାକ୍ଟର ଲଗାଇ ରାତିଦିନ ଶହ ଶହ ଟ୍ରାକ୍ଟର ମାଟି ଲୁଟ୍ କରୁଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ଗୋରୁ ଚରାଇବା ପାଇଁ ଗୋଚର କିସମର ଜମି ରହିଛି। କିଛି ଅସାଧୁ ବ୍ୟବସାୟୀ ଏହି ଜମିରୁ କିଭଳି ରାଜସ୍ୱ ଲୁଟ୍ କରିବେ ସେଥିପାଇଁ ପ୍ରଶାସନ ସହ ସଲାସୁତୁରା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଲଛମନଖୁଣ୍ଟା ଜଙ୍ଗଲ ଜମି ଓ ବିଭିନ୍ନ ଗୋଚର ଜମିରୁ ମୋରମ, ମାଟି ଲୁଟ୍ ହେଉଥିବାରୁ ସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ଘଟୁଛି ଓ ଗ୍ରାମାଞ୍ଚଳରେ ଗୋଚର ଜମି ଧୀରେ ଧୀରେ ଲୋପ ପାଇବାକୁ ବସିଛି ବୋଲି ଗାଁ ଲୋକେ କହିଛନ୍ତି।

ଗତ ମାର୍ଚ୍ଚ ୧୨ତାରିଖରେ ଓଡ଼ିଆଶାସନ ଗ୍ରାମର ବିଜୟ କୁମାର ଦାସ ବାଇକ୍ ଯୋଗେ ରୂପସା ଯାଉଥିବା ବେଳେ ଏକ ମାଟିବୋଝେଇ ଟ୍ରାକ୍ଟର ବାଇକକୁ ଚପାଇ ବିଜୟଙ୍କୁ ହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୨୫/୨୨) ରୁଜୁ କରିଥିଲେ ହେଁ ଏଯାବତ୍ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଅଭିଯୋଗକାରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ତହସିଲଦାର କାର୍ତ୍ତିକ କୁମାର ଦାଶଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ମାଟି ଖୋଳା ଭିଡ଼ିଓ ଓ ଟ୍ରାକ୍ଟର ସବୁର ଫଟୋ ପଠାଇବାକୁ ଗଣମାଧମ ପ୍ରତିନିଧିଙ୍କୁ କହିବା ସହ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୧୩ ଲକ୍ଷ ଅନୁଦାନ ଦେଲେ ପ୍ରଧାନ ଶିକ୍ଷକ

**ରୂପସା, ୧୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ କସିପଦା ପଞ୍ଚାୟତ ହାଇସ୍କୁଲରେ ଅଶୋକାଷ୍ଟମୀ ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପର୍ଶୁରାମ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରତିଷ୍ଠାତା ଭଗବାନ ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଅନନ୍ତ ସାହୁ, ସିଆର୍‌ସିସି ମାୟାଧର ବେହେରା ଆଲୁମିନି ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ, ସରପଞ୍ଚ ଗଙ୍ଗାମଣି ବେହେରା ଓ ସମିତିସଭ୍ୟା ଭଗବତୀ ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପର୍ଶୁରାମ ବେହେରା ତାଙ୍କ ବାପା ସ୍ୱର୍ଗତ ଦିବାକର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଜସ୍ୱ ପାଣ୍ଠିରୁ ମୋ ସ୍କୁଲ ଅଭିଯାନରେ ୩ଲକ୍ଷ ୧ହଜାର ଟଙ୍କା ଓ ଉପର ମହଲା ଶ୍ରେଣୀ ଗୃହ ନିର୍ମାଣ ପାଇଁ ୧୦ଲକ୍ଷ ୨୦ହଜାର ୯୬୦ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଥଣ୍ଡା ପାନୀୟଜଳ ପ୍ରକଳ୍ପ ପାଇଁ ପ୍ରାକ୍ତନ ପ୍ରଧାନଶିକ୍ଷକ ଅନନ୍ତ ସାହୁ ୩୦ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରିଥିଲେ। ସଭାରେ ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷକ, ପୂର୍ବତନ ପ୍ରଧାନଶିକ୍ଷକ, ସରପଞ୍ଚ ଓ ସମିତିସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ପରିଚାଳନା କମିଟି ଓ ଆଲୁମିନିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଚାଲିଲା ବାଙ୍ଗିରିପୋଷି-ବାଲେଶ୍ୱର ମେମୁ ଟ୍ରେନ୍

**ବାରିପଦା ଅଫିସ,୧୧।୪**

ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ଠାରୁ ବାଲେଶ୍ୱର ଚଳାଚଳ କରୁଥିବା ଡିଜେଲ ଇଞ୍ଜିନ ଟ୍ରେନ ପରିବର୍ତ୍ତେ ବିଦ୍ୟୁତଚାଳିତ ମେମୁ ଟ୍ରେନ ସୋମବାର ଠାରୁ ଚଳାଚଳ ଆରମ୍ଭ କରିଛି । ବାଙ୍ଗିରିପୋଷିରୁ ରୁପସା ପର୍ଯ୍ୟନ୍ତ ୮୯କି.ମି. ରେଳରୁଟ ବିଦ୍ୟୁତିକରଣ କାର୍ଯ୍ୟ ସମ୍ପନ୍ନ ପରେ ବିଦ୍ୟୁତ ଚାଳିତ ମେମୁ ଟ୍ରେନ ଚଳାଚଳକୁ ନେଇ ମୟୂରଭଞ୍ଜବାସୀ ଖୁସିବ୍ୟକ୍ତ କରିଛନ୍ତି। ପୂର୍ବରୁ ଡିଜେଲ ଚାଳିତ ଇଞ୍ଜିନ ଚଳାଚଳ କରୁଥିବା ଡିଏମୟୁ ଟ୍ରେନ ପରିବର୍ତ୍ତିତ ହୋଇ ବିଦ୍ୟୁତଚାଳିତ ମେମୁ ଟ୍ରେନ ଚଳାଚଳ ପାଇଁ ମୟୂରଭଞ୍ଜ ରେଲୱେ ଟ୍ରାଭେଲର୍ସ ଫୋରମ ପକ୍ଷରୁ ଖଡ଼ଗପୁର ଡିଆରଏମ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ଟ୍ରେନ ଚଳାଚଳ ଦ୍ୱାରା ବିଭାଗ ପକ୍ଷରୁ ପ୍ରତିଦିନ ୧ଲକ୍ଷ ୬୧ହଜାର ୫୦୦ ଟଙ୍କାର ଡିଜେଲ ଖର୍ଚ୍ଚରୁ ବଞ୍ଚିତ ହୋଇଛି।

# ଶିମିଳିପାଳରେ ଫ୍ଲାଗ୍‌ମାର୍ଚ୍ଚ



**ବାରିପଦା ଅଫିସ,୧୧।୪**

ଶିମିଳିପାଳ ଅଭୟାରଣ୍ୟରେ ଶିକାର ରୋକିବା ଓ ବନାଗ୍ନିରୁ ସୁରକ୍ଷା ଯୋଗାଇବା ପାଇଁ ବନ ବିଭାଗ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଏବଂ କମ୍ବିଂ ଅପରେଶନ ଆରମ୍ଭ ହୋଇଛି। ଶିକାର ଉଦ୍ଦେଶ୍ୟରେ ଶିକାରୀମାନେ ଅଭୟାରଣ୍ୟରେ ନିଆଁ ଲଗାଉଥିବା ବେଳେ ବନ୍ୟଜନ୍ତୁ ବିପଥଗାମୀ ହୋଇ ସହର ଓ ଗ୍ରାମାଭିମୁଖି ହୋଇଥାନ୍ତି। ଏହାକୁ ପ୍ରତିହତ କରିବା ପାଇଁ ଉତ୍ତର ଓ ଦକ୍ଷିଣ ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ୧ ହଜାରରୁ ଉର୍ଦ୍ଧ୍ୱ ବନ କର୍ମଚାରୀ ଏଥିରେ ସାମିଲ ରହିଛନ୍ତି। ଅଭୟାରଣ୍ୟରେ ନିଆଁ ଲାଗିଥିବା ଜାଣିବା ପାଇଁ ଚଳିତବର୍ଷଠାରୁ ଡ୍ରୋନ୍‌ର ବ୍ୟବହାର କରାଯାଉଛି। ଏହାସହ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ସୂଚନାକୁ ଭିତ୍ତିକରି ନିଆଁର ସ୍ଥିତି ଜାଣିବା ଲାଗି ବ୍ୟବସ୍ଥା କରାଯାଇଥିବା ବେଳେ ନିଆଁକୁ ଆୟତ୍ତ କରିବା ପାଇଁ ୫ ଶହ ନିଆଁ ଲିଭା ମେଶିନ ଯୋଗାଇ ଦିଆଯାଇଛି। ସ୍ଥାନୀୟ ଅଞ୍ଚଳବାସୀ, ଜଙ୍ଗଲ ସୁରକ୍ଷା କମିଟି ଓ ବନ ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ମଧ ନିଆଁ ଲିଭାରେ ସହଯୋଗ କରୁଛନ୍ତି।

# ଜିଲାପାଳଙ୍କୁ ଭେଟିଲେ କାଉନସିଲର, ଉପାଧ୍ୟକ୍ଷ

**କେନ୍ଦୁଝର, ୧୧।୪(ଡି.ଏନ୍.ଏ.)**

କେନ୍ଦୁଝରଗଡ ପୌରପାଳିକାର ନିର୍ବାଚନ ସରିଥିବାବେଳେ ବିଜେଡିର ନବନିର୍ବାଚିତ ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କର ଦାୟିତ୍ୱ ଗ୍ରହଣ ସମୟରେ ବହୁ ବିଜେଡି ନେତା ଏବଂ ବିଜେଡିର ବିଜୟୀ କାଉନସିଲରମାନେ ଉପସ୍ଥିତ ଥିଲେ। ପରେ ପରେ ଉପାଧ୍ୟକ୍ଷ ଓ କାଉନସିଲରମାନେ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ଭେଟି ପୌରପାଳିକା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ଉପସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ପୁଷ୍ପା-୧୧ ବିଜୟୀ

## ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବନ୍ତ, ୧୧।୪ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଡ଼ାଳପଙ୍କ ମେଡିକାଲ ପଡ଼ିଆରେ ମା' ମଙ୍ଗଳା କ୍ରିକେଟ ଆସୋସିଏଶନ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ରଘୁନାଥ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଦିବାକର ବଳ ଓ ଅଭିନେତା ଅରୁଣ କୁମାର ଜେନା ଯୋଗ ଦେଇଥିଲେ। ପୁଷ୍ପା-୧୧ ବେରୁଣପଦୀ ଓ ନେତାଜୀ ୟୁଥ୍ କ୍ଲବ ମୌଦା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୁଷ୍ପା-୧୧ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୮୮ ରନ୍ କରିଥିଲା। ମୌଦା ଟିମ୍ ୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ୍ କରି ପରାଜିତ ହୋଇଥିଲା। ଏଥିରେ ପୁଷ୍ପା-୧୧ ବିଜୟୀ ହୋଇଛି। ଅମ୍ପାୟାର ପ୍ରଦୀପ ବାରିକ ଓ ବାଦଲ ଜେନା, ସ୍କୋରର ଭାବେ ବାପି ଜେନା ଓ ସୁଦୀପ୍ତ ସନ୍ଧିବିଗ୍ରହ ଦାୟିତ୍ୱ ନିର୍ବାହ କରିଥିଲେ। କବି ଦାଶରଥି ଜେନା ଉଦ୍‌ଘାଟନୀ ସଭାକୁ ସଞ୍ଚାଳନ କରିଥିଲେ। ଆସୋସିଏଶନର ସଭାପତି ନକୁଳ ଜେନା, ସମ୍ପାଦକ ସତ୍ୟପ୍ରିୟ ଦାସ, ପରିଚାଳକ ରାଜେଶ ପଣ୍ଡାଙ୍କ ସମେତ ଅପର୍ତ୍ତି ଜେନା, ବିଶ୍ୱଜିତ ପଣ୍ଡା, ତୁଷାରକାନ୍ତ ଜେନା ପ୍ରମୁଖ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳି।

# ମାଛ ଚୋରିକୁ କେନ୍ଦ୍ର କରି ଧାରଣା

**ମୋରଡା,୧୧।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଭାଲିଆଡିହା ପଞ୍ଚାୟତ ଅଧୀନରେ ଥିବା ଛାଡ଼କଟା ବନ୍ଧରୁ ଗତ ୭ ତାରିଖ ମଧ୍ୟରାତ୍ରିରେ କେତେକ ଦୁର୍ବୃତ୍ତ ମାଛ ଚୋରି କରୁଥିବା ବେଳେ ଗ୍ରାମବାସୀ ଜାଣିପାରି ସେମାନଙ୍କୁ ଘଉଡାଇ ଥିଲେ। ଏନେଇ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ସରପଞ୍ଚଙ୍କୁ ଜଣାଇଥିଲେ ସୋମବାର ପଞ୍ଚାୟତରେ ଏକ ମିଟିଂର ଆୟୋଜନ ହୋଇଥିଲା। ତେବେ ମିଟିଂରେ ପୂର୍ବରୁ ସରପଞ୍ଚ ସୌଦାମିନୀ ସିଂ ଓ ନାଏବ ସରପଞ୍ଚ ଅର୍ଜୁନ ସୋରେନ ଅନୁପସ୍ଥିତ ଥିବାରୁ ପଞ୍ଚାୟତ ଅଫିସ ପରିସରରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଫଳରେ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ।

# ଲାଗୁନି ସୂଚନା ଫଳକ

**କେନ୍ଦୁଝର, ୧୧।୪ (ସ୍ୱ.ପ୍ର.)**



ସଦର ବ୍ଲକ ନେଲୁଙ୍ଗ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ନବ ନିର୍ମିତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ହେଁ ଅଦ୍ୟାବଧି ସୂଚନାଫଳକ ଲଗାଯାଇ ନ ଥିବାରୁ ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା କମିଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଘର ନିର୍ମାଣ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କେଉଁ ସ୍କିମ ରେ ଖର୍ଚ୍ଚ ହୋଇଛି କମିଟି ସଭ୍ୟା/ସଭ୍ୟ ଜାଣିନାହାନ୍ତି। ଏନେଇ କମିଟି ବୈଠକରେ ଆଲୋଚନା କରାଯାଇ ତୁରନ୍ତ ସୂଚନା ଫଳକ ଲଗାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇ ଜିଲା ପ୍ରଶାସନ ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଉକ୍ତ ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ କାମକାର୍ଯ୍ୟ ବିଷୟରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଛି। ବିଦ୍ୟାଳୟରେ ୮ ଟି ଶ୍ରେଣୀ ପାଇଁ ମାତ୍ର ୫ ଜଣ ଶିକ୍ଷକ /ଶିକ୍ଷୟତ୍ରୀ ଶିକ୍ଷାଦାନ କରୁଛନ୍ତି । ଫଳରେ ପାଠପଢା ସମସ୍ୟା ଦେଖାଦେଉଛି। ଏଣୁ ତୁରନ୍ତ ଜଣେ ଶିକ୍ଷୟତ୍ରୀ ଓ ଜଣେ ଶିକ୍ଷକ ନିଯୁକ୍ତି କରିବା ପାଇଁ ପ୍ରଶାସନଙ୍କୁ ଜଣାଇବା ପାଇଁ ପ୍ରସ୍ତାବ ଗୃହିତ ହୋଇଛି । ସ୍ମାର୍ଟ କ୍ଲାସ ପାଇଁ ଉପକରଣ ଆସିଥିଲେ ହେଁ ଶ୍ରେଣୀ କକ୍ଷ ନ ଥିବାରୁ ବ୍ୟବହାର ହୋଇ ପାରୁନାହିଁ।

# 'ଦୃଢ଼ ଇଚ୍ଛାଶକ୍ତିରେ ମହିଳା ସଶକ୍ତୀକରଣ ସମ୍ଭବ'

**ବଡ଼ବିଲ, ୧୧।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲଠାରେ ସୋମବାର ଅପରାହ୍ନରେ କସ୍ତୁରବା ମହିଳା ମହାସଙ୍ଘର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ମହାସଙ୍ଘର ସଭାପତି ଡ. ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ମୁଖ୍ୟବକ୍ତା ଭାବେ ଯୋଡ଼ା ମହିଳା ମହାବିଦ୍ୟାଳୟର ଅଧକ୍ଷା ମୃଦୁଳା ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜକିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ମହାସଂଘର ସମ୍ପାଦକ ଦମୟନ୍ତି ସାମଲ ସ୍ୱାଗତ ଭାଷଣ ଦେଇ ସମାଜ ଗଠନରେ ନାରୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରତାପ କିଶୋର ଦାସଙ୍କ ଦାରା ପରିଚାଳିତ ଏହି ସଭାରେ ମୁଖ୍ୟବକ୍ତା ଦୃଢ଼ ଇଚ୍ଛାଶକ୍ତିରେ ମହିଳା ସଶକ୍ତିକରଣ ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସମାଜ ମଙ୍ଗଳରେ ନିଜକୁ ସମର୍ପିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

# ଜଗତେଶ୍ୱର ମନ୍ଦିର ପ୍ରତିଷ୍ଠା



ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଶୋଭାଯାତ୍ରା।

**ଧାମନଗର,୧୧।୪(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ବାବା ଜଗତେଶ୍ୱର ଶିବମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆଖଣ୍ଡଳମଣି ପୀଠରୁ ଆଜ୍ଞାମାଳ ଅଣାଯାଇ ଗ୍ରାମ ପରିକ୍ରମା ପରେ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପଞ୍ଚାୟତର ୧୦୮ ମହିଳା ଓ ପୁରୁଷ ବ୍ରତଧାରୀଙ୍କ ଦ୍ୱାରା ବୈତରଣୀ ନଦୀର ସିଦ୍ଧେଶ୍ୱର ଘାଟରୁ କଳସ ବୁଡ଼ା ଯାଇଥିଲା। ଯାଜପୁର ଜିଲା ଶର୍ଙ୍ଗିଲା ସ୍ଥିତ ଶ୍ରୀଜଗନ୍ନାଥ ଘଣ୍ଟୁଆରୀ ସେବା ଦଳ ବାଦ୍ୟର ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ବିଭିନ୍ନ ପୂଜାର୍ଚ୍ଚନା ସହ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ମାଳିକା ପ୍ରବଚକ ପରିବ୍ରାଜକ ପ୍ରମୋଦ କୁମାର ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଦ୍ୱାରା ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାକର୍ତ୍ତା ଭାବେ ରଘୁନାଥ ଆନ୍ଦିଆ ଓ ଉଦାସୀ ଆନ୍ଦିଆ, ଦିନବନ୍ଧୁ ଆନ୍ଦିଆ ଓ ପ୍ରଭାବତୀ ଆନ୍ଦିଆ, ପୀତାମ୍ବର ସାହୁ ଓ ପ୍ରମିଳା ସାହୁ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ରବିନାରାୟଣ ଦୀକ୍ଷିତ, ନ୍ୟାସ ଆଚାର୍ଯ୍ୟ କାହ୍ନୁ ଚରଣ ମିଶ୍ର, ବ୍ରହ୍ମା ମୁଟୁ ନନା, ହୋତା ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।

# ସୂର୍ଯ୍ୟମୁଖୀ ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ

**ଦୀପକ ମିଶ୍ର**
**କେନ୍ଦୁଝର, ୧୧।୪**



ରାଜ୍ୟ ସରକାର କୃଷି ଓ କୃଷକର ବିକାଶ ନିମନ୍ତେ ଯୋଜନା ପରେ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କାର ଅର୍ଥ ଖର୍ଚ୍ଚ କରିବାରେ ଲାଗିଛନ୍ତି। ହେଲେ ସଂପୃକ୍ତ ସରକାରୀ କଳର ଇଚ୍ଛାଶକ୍ତିର ଅଭାବ ଯୋଗୁ ଜିଲାରେ କୃଷି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ଅନେକ ସମୟରେ ଦିଗହରା ହେଉଥିବାବେଳେ କୃଷିବିତମାନଙ୍କ ଲାଭ ହେବା ପରିବର୍ତ୍ତେ କ୍ଷତି ସହୁଥିବା ଅଭିଯୋଗ ହେଉଛି। ସୂର୍ଯ୍ୟମୁଖୀ ଚାଷ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭ ଦେବା ଭଳି ଚାଷ ରୂପେ ପରିଗଣିତ ହେଉଥିବାବେଳେ ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ଚାଷୀମାନେ ଅସନ୍ତୋଷ ରହୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସଦର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ସୂର୍ଯ୍ୟମୁଖୀ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର କୃଷି ବିଭାଗ ଯୋଗାଉ ନାହିଁ। ସରକାର ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ ମଧ ଜିଲା କୃଷି ବିଭାଗ ତରଫରୁ ସେପରି କୌଣସି ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚୁ ନାହିଁ। ଏହି ବିଭାଗର ପ୍ରତ୍ୟେକ ପଞ୍ଚାୟତରେ ବିଭାଗୀୟ କର୍ମଚାରୀ ନିଯୁକ୍ତ ହୋଇ ଚାଷୀଙ୍କୁ ଉତ୍ତମମାନର ବିହନ, ସାର ଆଦି ଯୋଗାଇବା ପାଇଁ ସରକାରୀସ୍ତରରେ ବ୍ୟବସ୍ଥା ଅଛି। ମାତ୍ର ଏହି ବିଭାଗର ଅଧିକାରୀମାନେ ଧାନ ଚାଷ ସମୟରେ ଧାନ ବିହନ, ସାର ଆଦି ଯୋଗାଇଲା ପରେ କେଉଁ ଆଡେ ବର୍ଷସାରା ଅନ୍ତର୍ଦ୍ଧାନ ହୋଇଯାଆନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନେ ବିଭିନ୍ନ ଋତୁରେ ନାନା ପ୍ରକାର ଚାଷ କରିଥାନ୍ତି। କିନ୍ତୁ ବିଭିନ୍ନ ଚାଷ ସମ୍ବନ୍ଧୀୟ ବାବଦରେ ଚାଷୀଙ୍କୁ ଜଣା ନଥିବାରୁ ଉନ୍ନତମାନର ଚାଷରୁ ଲାଭ ପାଇପାରୁ ନାହାନ୍ତି। ସେହିପରି ସୂର୍ଯ୍ୟମୁଖୀ ଚାଷ ପାଇଁ କ'ଣ କ'ଣ ଆବଶ୍ୟକତା ରହିଛି, ତାହା ସୂର୍ଯ୍ୟମୁଖୀ ଚାଷୀଙ୍କୁ ଜଣାନାହିଁ ବୋଲି କହିଛନ୍ତି। ଏସମ୍ପର୍କରେ କେନ୍ଦୁଝର କୃଷି ବିଭାଗର ଜିଲା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କୁ ପ୍ରୋତ୍ସାହନ ନ ଦିଆଯିବା ବିଷୟରେ ପଚାରିବାରୁ ଚଳିତ ବର୍ଷ ସୂର୍ଯ୍ୟମୁଖୀ ମଞ୍ଜିର ଅଭାବ ଯୋଗୁ ଏହା ସମ୍ଭବପର ହେଲା ନାହିଁ ବୋଲି ସେ କହିଛନ୍ତି।

## ରଘୁନାଥଜୀଉ ମନ୍ଦିରରୁ ଚୋରି

**ବାସୁଦେବପୁର, (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଭୈରବପୁର ଗ୍ରାମ ସ୍ଥିତ କରସାହି ବସ୍ତିରେ ଥିବା ରଘୁନାଥଜୀଉଙ୍କ ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଛି। ଚୋରମାନେ ରଘୁନାଥଜୀଉଙ୍କ ବିଗ୍ରହ ସମେତ ଠାକୁରଙ୍କ ରୌପ୍ୟ ଅଳଙ୍କାର ଚୋରି କରିନେଇଥିଲେ। ଗ୍ରାମ ନିକଟସ୍ଥ ଏକ ସ୍ଥାନରେ ରଘୁନାଥଜୀଉଙ୍କ ବିଗ୍ରହକୁ ପକାଇ ଦେଇଥିବା ବେଳେ ସୋମବାର ଉଦ୍ଧାର କରାଯାଇଛି। ବାସୁଦେବପୁର ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ରାସ୍ତା ନିର୍ମାଣ ସାମଗ୍ରୀ ଚୋରି: ଯୁବକ ଅଟକ

**ବାସୁଦେବପୁର, ୧୧।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ସହରର ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ରବିବାର ରାତିରେ କେତେଜଣ ଯୁବକ ରାସ୍ତା ନିର୍ମାଣରେ ବ୍ୟବହୃତ କିଛି ଲୁହା ସାମଗ୍ରୀକୁ ଚୋରି କରି ନେଉଥିବା ବେଳେ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ବାସୁଦେବପୁର ଥାନା ପୋଲିସ ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଲୁହା ସାମଗ୍ରୀ ସହ ଚୋରିରେ ବ୍ୟବହୃତ ଅଟୋକୁ ପୋଲିସ ଜବତ କରିଛି।

### ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର

**ଖଇରା, ୧୧।୪ (ଡି.ଏନ.ଏ.):** ଖଇରା ବ୍ଲକ ରଟିଣା ସତ୍ୟସାଇ ମଣ୍ଡଳୀ ତରଫରୁ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତନା, ହରିପୁର, କାହାଲିଆ ଗଡିଆ, କୁରାଡୀଘସା, ନୂଆଗାଁ ଓ ଗଡପୋଖରୀ ଅଞ୍ଚଳରୁ ୫୮ ଜଣ ରକ୍ତଦାନ କରିଥିଲେ। ପର୍ଯ୍ୟଟନ, ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ରେଡକ୍ରସ ଓ ଖଇରା, ରଟିଣା, ବଟେଶ୍ୱର, ସଇଁ, ଗେଙ୍ଗୁଟିଆ ସତ୍ୟସାଇ ସେବା ସଙ୍ଗଠନ ବର୍ତ୍ତମାନର ଆବାହକ ଓ ପୂର୍ବତନ ଆବାହକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**କୁଆମରା, ୧୧।୪ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ସେ ଗତ ୭ ତାରିଖରେ ଘରୁ ନିଖୋଜ ହେବା ନେଇ ଥାନାରେ ପ୍ରଥମେ ଅଭିଯୋଗ ହୋଇଥିଲା। ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଜଣେ ଯୁବକ ଝିଅକୁ ଅପହରଣ କରିଥିବା ୯ ତାରିଖରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ଅପହରଣ ମାମଲା (ନଂ.୯୦/୨୨) ରୁଜୁ ହୋଇଛି। ହେଲେ ରବିବାର ନାବାଳିକା ଜଣଙ୍କ ଥାନାରେ ପହଞ୍ଚି ତାଙ୍କୁ କେହି ଅପହରଣ କରିନାହାନ୍ତି, ସାଙ୍ଗଘରକୁ ଯାଇଥିଲେ ବୋଲି ଥାନାରେ ବୟାନ ଦେବା ପରେ ମାମଲା ଭିନ୍ନ ମୋଡ଼ ନେଇଛି। ସେମାନଙ୍କ ବୟାନରେ ତାଳମେଳ ନ ଥିବାରୁ ନାବାଳିକାଙ୍କୁ ଉଦଳା ସୁଧାରଗୃହକୁ ପଠାଯାଇଛି।

### ବାସନ୍ତୀ ଦୁର୍ଗା ପୂଜା

**ଭଣ୍ଡାରିପୋଖରୀ, ୧୧।୪(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାରଠାରେ ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଛି। ମୁଖ୍ୟ ପୂଜକ ବାହୁଡ଼ା ମିଶ୍ରଙ୍କ ସମେତ ସହଯୋଗୀ ପୂଜକ ବିଜୟ ତ୍ରିପାଠୀ, ସୁରେନ୍ଦ୍ର ଦାସ, ପ୍ରଦୀପ ଦାସ ବୈଦିକ ମନ୍ତ୍ରରେ ବାସନ୍ତୀଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରୁଛନ୍ତି। ପ୍ରଥମେ ସଂକଳ୍ପ, ଚଣ୍ଡୀପାଠ, ଦେବଦେବୀ ସ୍ନାନ, ବଳି ସହ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ପ୍ରଶାନ୍ତ ରାଉତ ଓ ଗୀତା ରାଉତ ସଂକଳ୍ପ କରିଥିଲେ। ଅନୁରୂପ ଭାବେ ବୈତରଣୀ କୂଳ ସ୍ଥିତ ଆଖୁଆପଦା ଆନିକଟ ନିକଟ ଅଞ୍ଚଳରେ ବାସନ୍ତୀ ଦୁର୍ଗା ପୂଜା ଆୟୋଜନ କରାଯାଇଥିବା ବେଳେ କହରାପୋଖରୀ ବଜାର କମିଟି ବ୍ୟବସାୟୀଙ୍କ ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଛି।

### ବିଜ୍ଞାନ ମେଳାରେ ୬୫ ପ୍ରକଳ୍ପ ପ୍ରଦର୍ଶିତ

**ଧାମନଗର, ୧୧।୪:** ଭଦ୍ରକ ଜିଲା ଧାମନଗର ବ୍ଲକ ଶ୍ୟାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବରେଣ୍ୟ ଅତିଥି ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ମୁଖ୍ୟବକ୍ତା ଭାବେ ଇଂ. ଅଭୟ ସୂତାର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳାରେ ୬୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ୮ ପ୍ରକଳ୍ପ ଜିଲା ସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରେଣୁବାଳା ନାୟକ, ମଞ୍ଜୁଳା ନାୟକ, ସେକ୍ ସାମସୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ।

# ‘ମୟୂରଭଞ୍ଜକୁ ପରିଚୟ ଦେଇଛନ୍ତି ଛଉ କଳାକାର’

## ଆରମ୍ଭ ହେଲା ଚୈତ୍ର ପର୍ବ, ପଲ୍ଲିଶ୍ରୀ ମେଳା



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ବାରିପଦା ଅଫିସ,୧୧।୪**

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳା ସୋମବାରଠାରୁ ଆରମ୍ଭ ହୋଇଛି। ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟର ପ୍ରଚାର ପ୍ରସାର ଦିଗରେ ପ୍ରଶାସନ ପକ୍ଷରୁ ‘ମୟୂରଭଞ୍ଜ ଚୈତ୍ରପର୍ବ-୨୨’ ନାମରେ ୟୁଟ୍ୟୁବ ଚ୍ୟାନେଲରେ ଏହା ସିଧାପ୍ରସାରିତ ହେଉଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ୱ, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ କଳା ଓ କଳାକାରରେ ଭରପୁର ମୟୂରଭଞ୍ଜ ମାଟିକୁ ପରିଚିତ କରିବାରେ ଛଉ ନୃତ୍ୟ କଳାକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲା ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକ ରହିଛି ବୋଲି କହିଥିଲେ। ମୋରଡା ବିଧାୟକ ରାଜକିଶୋର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅମଳରୁ ପ୍ରଚଳିତ ଛଉ ପରମ୍ପରାକୁ ଉଜ୍ଜୀବିତ କରି ସମର କଳାର ନିଦର୍ଶନ ପୂର୍ବକ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିପାରିଛି। ଭାରତବର୍ଷରେ ଛଉକୁ ଲୋକକଳାର ମହାରାଣୀ ବୋଲି ଆଖ୍ୟା ଦିଆଯାଇଛି। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ , ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପର୍ବ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ୫ଦିନ ଧରି ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ଏଥିରେ ୨୮ଟି ଜିଲାରୁ ଆସିଥିବା ଡିଆରଡିଏ, ଓରମାସ୍, ବୟନ ଓ ହସ୍ତତନ୍ତ ଶିଳ୍ପ, ଖଦୀ ଓ ଗ୍ରାମ୍ୟ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ସାମଗ୍ରୀ ଓ କୁଟୀର ଶିଳ୍ପ କାରୁକାର୍ଯ୍ୟ ସାମଗ୍ରୀଗୁଡିକ ମେଳାରେ ପ୍ରଦର୍ଶନ କରାଯାଇଛି। ମୋଟ ୧୪୫ ଷ୍ଟଲ ନିର୍ମାଣ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ପ୍ରଥମ ସନ୍ଧ୍ୟାରେ ଗ୍ରାମାଞ୍ଚଳରୁ ଆସିଥିବା ୧୩ ନୃତ୍ୟ ଦଳ ନିଜର କଳା ପ୍ରଦର୍ଶନ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ସୁଧୁରୁନି ହଳଦୀପଦା ଷ୍ଟେଶନ ସମସ୍ୟା

## ୧୮ରେ ରେଳରୋକୋ ଆନ୍ଦୋଳନ

**ରୂପସା, ୧୧।୪(ଡି.ଏନ.ଏ.)**

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ହଳଦୀପଦା ରେଳଷ୍ଟେଶନ ସମସ୍ୟା ସମାଧାନ ହେଉନାହିଁ। ଦାବି ପୂରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବାରୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ପ୍ରତିବାଦରେ ଆସନ୍ତା ୧୮ତାରିଖରେ ହଳଦୀପଦା ପ୍ରଗତିମଞ୍ଚ ପକ୍ଷରୁ ରେଳରୋକୋ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

ଏହି ଷ୍ଟେଶନରେ ପୂର୍ବଭଳି ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ ରହଣି କରିବା, ରିଜର୍ଭେଶନ କାଉଣ୍ଟର ଖୋଲାଯିବା, ନିଧିପଣ୍ଡା ପୋଲ ଉପରେ ବ୍ରିଜ ନିର୍ମାଣ, ଷ୍ଟେଶନରେ ଏଟିଏମ, ପାନୀୟ ଜଳ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଖଡ଼ଗପୁର-ଜଳେଶ୍ୱର ମେମୋ ଲୋକାଲ ଟ୍ରେନ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ ଆଦି ୧୦ ଦଫା ଦାବି ପୂରଣ ପାଇଁ ବାରମ୍ବାର ପ୍ରଗତିମଞ୍ଚ ପକ୍ଷରୁ ରେଳ ବିଭାଗ ଓ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୨୦୨୧ ଫେବୃୟାରୀ ୧୫ରେ ରେଳରୋକୋ ଆନ୍ଦୋଳନ ପରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଦାବି ପୂରଣ ଦିଗରେ ପ୍ରତିଶ୍ରୁତି ମିଳିବା ପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ବିଭାଗୀୟ ପଦକ୍ଷେପ ନିଆ ନ ଯିବାରୁ ପୁଣି ୨୦୨୧ ଏପ୍ରିଲ ୫ ଓ ମେ’ ୧୦ରେ ରେଳରୋକୋ ଡାକରା ଦିଆଯାଇଥିଲା। ବାରମ୍ବାର ପ୍ରତିଶ୍ରୁତି ମୁତାବକ ଦାବି ପୂରଣ ହେଉ ନ ଥିବାରୁ ଆସନ୍ତା ୧୮ ତାରିଖରେ ପୁଣି ରେଳରୋକୋ ହେବ ବୋଲି ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ରାଧାକୃଷ୍ଣ ସାହୁ, ଚୈତନ୍ୟ ପ୍ରସାଦ ସାହୁ ଓ ସନ୍ନ୍ୟାସୀ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଇଡ୍‌କୋକୁ ଜମି ହସ୍ତାନ୍ତରକୁ ବିରୋଧ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଲୋକେ।

**ବାରିପଦା ଅଫିସ,୧୧।୪**

ଇଡ୍‌କୋକୁ ସରକାରୀ ଜମି ହସ୍ତାନ୍ତରକୁ ବିରୋଧ କରି ସୋମବାର ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକ ରାଜାବସା ପଞ୍ଚାୟତ ମୋହିନିଗଞ୍ଜ ଗ୍ରାମର ଶତାଧିକ ଆଦିବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରି ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି। ଦାବି ପୂରଣ ନ ହେଲେ ଗ୍ରାମବାସୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ ଅମଳରୁ ମୋହିନିଗଞ୍ଜରେ ଶତାଧିକ ଆଦିବାସୀ ଲୋକେ ବସବାସ କରିଆସୁଛନ୍ତି। ଉକ୍ତ ଜମିର ସରକାରୀ ଜରିମାନା ମଧ୍ୟ ରାଜସ୍ୱ ବିଭାଗକୁ ଦେଇ ଆସୁଥିବା ବେଳେ ଇଡ୍‌କୋକୁ ହସ୍ତାନ୍ତର ପାଇଁ ସମସ୍ତଙ୍କୁ ନୋଟିସ୍ ପ୍ରଦାନ କରାଯାଇଛି। ଉକ୍ତ ଜମିରେ ଦୀର୍ଘଦିନ ଧରି ବସବାସ କରୁଥିବା ବେଳେ ନୋଟିସ ପାଇ ଦଖଲରେ ଥିବା ଭୂମିହୀନ ଆଦିବାସୀ ପରିବାର ବାସସ୍ଥାନ ହରାଇବେ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସରପଞ୍ଚ ରଣଜିତ ହେମ୍ବ୍ରମ, ଚୈତନ୍ୟ କିସ୍କୁ, ଅଜୟ ହେମ୍ବ୍ରମ, ଦାଶରଥି ମାରାଣ୍ଡି, ଉପେନ୍ଦ୍ର ମାରାଣ୍ଡି, ଦୁଷ୍ମନ୍ତ ମାରାଣ୍ଡି ଓ ଟେମ୍ପ ହାଁସଦାଙ୍କ ନେତୃତ୍ୱରେ ଶତାଧିକ ଲୋକ ପ୍ରଥମେ ସଦର ଉପଜିଲାପାଳ ଅନ୍ୟା ଦାସ ଓ ପରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ବୃଦ୍ଧାଶ୍ରମ ପାଇଁ ବାସଗୃହ ସମର୍ପିତ

**ବାଲେଶ୍ୱର ଅଫିସ, ୧୧।୪**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବେଦୀପୁର ଗ୍ରାମରେ ସ୍ୱର୍ଗତ ରାଧାମଣି ପ୍ରଧାନ ଓ ବାଇଧର ପ୍ରଧାନଙ୍କ ସ୍ମୃତିରେ ପରିବାର ଲୋକେ ଏକ ବୃଦ୍ଧାଶ୍ରମ ପାଇଁ ନିଜ ବାସଗୃହକୁ ସମର୍ପିତ କରିଛନ୍ତି। ପ୍ରଧାନଙ୍କ ପୁତ୍ର ହରିଶ୍ଚନ୍ଦ୍ର ବାସଗୃହକୁ ବୃଦ୍ଧାଶ୍ରମକୁ ହସ୍ତାନ୍ତର ଲାଗି ପରିବାରର ସମସ୍ତ ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାସହିତ ପୂର୍ବରୁ କେତୋଟି ବୃଦ୍ଧାଶ୍ରମ ପରିଚାଳନା କରୁଥିବା ‘ନେସନ୍ ପ୍ରାଇଡ୍’ ଅନୁଷ୍ଠାନ ସହ ମଧ୍ୟ ଆଲୋଚନା କରିଥିଲେ। ସେମାନଙ୍କ ସହଯୋଗ ପରେ ହରିଶ୍ଚନ୍ଦ୍ର ଭଉଣୀ ବାସନ୍ତୀ ସ, ଶାନ୍ତିଲତା କବି, ସୁକାନ୍ତି ପ୍ରଧାନ ଓ ଜୟନ୍ତୀ ମହାପାତ୍ରଙ୍କ ସୁମତାମତ ପାଇଥିଲେ। ରାମ ନବମୀ ଅବସରରେ ପରିବାର ଲୋକଙ୍କ ଉପସ୍ଥିତିରେ ‘ହରିବୋଲ ଦିବ୍ୟ ମନ୍ଦିର ଟ୍ରଷ୍ଟ’ ନାମକ ବୃଦ୍ଧାଶ୍ରମର ଶୁଭାରମ୍ଭ ହୋଇଛି। ରବିବାର ସକାଳେ ହରିଶ୍ଚନ୍ଦ୍ର ପ୍ରଥମେ ନିଜ ଗ୍ରାମ ବେଦୀପୁରରେ ହନୁମାନ ମନ୍ଦିର, ମଙ୍ଗଳା, ବାସୁଳୀ ମନ୍ଦିର ଓ ବଟେଶ୍ୱର ମହାଦେବ ମନ୍ଦିରରେ ପୂଜା କରି ବୃଦ୍ଧାଶ୍ରମକୁ ଆରମ୍ଭ କରିଥିଲେ। ଏଥିରେ ‘ନେସନ୍ ପ୍ରାଇଡ୍’ ବୃଦ୍ଧାଶ୍ରମର ଅନ୍ତେବାସୀ ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ନୂତନ ଶିକ୍ଷାନୀତି ସମ୍ପର୍କିତ କର୍ମଶାଳା




କର୍ମଶାଳାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୧୧।୪**

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ, ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୂଲ୍ୟରେ ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ୧୫ ଦିନିଆ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ନୂତନ ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କର୍ମଶାଳାରେ ଅଂଶଗ୍ରହଣକାରୀ ଶିକ୍ଷକ ଓ ଗବେଷକ ବିଦ୍ୟାର୍ଥୀଙ୍କ ମେଧାଶକ୍ତି ବିକାଶରେ ବିଶେଷ ସହାୟକ ହୋଇପାରିବ ବୋଲି କହିଥିଲେ। ଏହି କର୍ମଶାଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଏହି କର୍ମଶାଳା ଜାତୀୟ ଶିକ୍ଷା ନୀତି ସମ୍ବନ୍ଧୀୟ ବହୁବିଧ ଦିଗ ସମ୍ପର୍କରେ ପାଠକୀୟ ଅବବୋଧକୁ ସ୍ପଷ୍ଟ କରିବ ବୋଲି ମତ ଦେଇଥିଲେ। କୁଳସଚିବ କୁକୁମୀନା ଦାସ ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ ହେବା ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟନ୍ତ ଲାଭପ୍ରଦ ହେବ ବୋଲି ମତ ଦେଇଥିଲେ। ସ୍ନାତକୋତ୍ତର ଶିକ୍ଷା ବିଭାଗର ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଏହି ଶିକ୍ଷା ନୀତିର ସଫଳତା, ସମସ୍ୟା ଓ ସମ୍ଭାବନା ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା କରି ଏହି କର୍ମଶାଳା ମାଧ୍ୟମରେ ନୂତନ ଶିକ୍ଷା ନୀତି ଓ ଶିକ୍ଷକ ତଥା ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଏକ ସଙ୍ଗତି ପ୍ରତିଷ୍ଠାର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ଶେଷରେ ସଂଯୋଜକ ଡ. ରବି ନାରାୟଣ ବେହେରା ଏହି ନିଷ୍କର୍ଷ ଉପସ୍ଥାପନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୃଙ୍ଖଳା ଭଙ୍ଗ ପାଇଁ ସନ୍ତୋଷ ଦଳରୁ ନିଲମ୍ବିତ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଞ୍ଚଳିକ କମିଟିର ସଦସ୍ୟ।

**ଖଇରା, ୧୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସିପିଏମ ଆଞ୍ଚଳିକ କମିଟି ତରଫରୁ ଏକ ଖବରଦାତା ସମ୍ମିଳନୀ ସୋମବାର ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା କମିଟି ସଭ୍ୟ ଜଗତାନନ୍ଦ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ କମିଟି ସଭ୍ୟ ସନ୍ତୋଷ କୁମାର ସାହୁଙ୍କୁ ବିଶୃଙ୍ଖଳା ପାଇଁ ଦଳରୁ ସାମୟିକ ଭାବେ ନିଲମ୍ବନ କରିବା ନେଇ ସୂଚନା ଦେଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଦଳକୁ ପୂର୍ବରୁ କ୍ଷତି ପହଞ୍ଚାଇଥିବା ବ୍ୟକ୍ତିଙ୍କ ସପକ୍ଷରେ ପ୍ରଚାର କରିବା, ଦଳର ନିଷ୍ପତ୍ତି ବିରୋଧରେ ଜିଲା ପରିଷଦ ପ୍ରାର୍ଥୀ ଦେବା, ଆଲୋଚନା ପାଇଁ ଡକାଯାଇଥିବା ବୈଠକରେ ଅନୁପସ୍ଥିତ ରହିବା ଭଳି ବିଶୃଙ୍ଖଳା ତାଙ୍କ ନିଲମ୍ବନର କାରଣ ବୋଲି ଦର୍ଶାଇଛନ୍ତି। ଯଦି ଭବିଷ୍ୟତରେ ଦଳର ଶୃଙ୍ଖଳା ମାନି ପୁଣି ଦଳକୁ ଆସିବାକୁ ଚାହାନ୍ତି ତେବେ ତାଙ୍କ ପାଇଁ ଦଳର ଦ୍ୱାର ଉନ୍ମୁକ୍ତ ବୋଲି କହିଛନ୍ତି। ଉକ୍ତ ସମ୍ମିଳନୀରେ କମିଟି ସଦସ୍ୟ ଅଭିରାମ ବେହେରା, ଉପେନ୍ଦ୍ର ଦାସ, ଭଗବାନ ଦାସ, ମୂରଲୀଧର ବେହେରା, ପ୍ରଶାନ୍ତ ବାରିକ, ଉତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ନିଲମ୍ବିତ ସନ୍ତୋଷ ସାହୁଙ୍କୁ ପଚାରିବାରେ ସେ ଆଞ୍ଚଳିକ କମିଟିର ସଦସ୍ୟଙ୍କ କାର୍ଯ୍ୟରେ ଅଣନିଃଶ୍ୱାସୀ, ୪ମାସ ପୂର୍ବରୁ ଜିଲା କମିଟିକୁ ଇସ୍ତଫାପତ୍ର ପଠାଇସାରିଛନ୍ତି । ଏଣୁ ଏଭଳି ନିଲମ୍ବନ ହାସ୍ୟାସ୍ପଦ ବୋଲି କହିଛନ୍ତି।

# ବିଷ୍ଣୁପ୍ରିୟାଙ୍କ ପ୍ରକଳ୍ପ ଶ୍ରେଷ୍ଠ

**ବୈଶିଙ୍ଗା, ୧୧।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ଦାସଙ୍କ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ବେତନଟୀ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେ ପ୍ରତିରକ୍ଷା ବିଭାଗ ଗାଡ଼ିଗୁଡ଼ିକର ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ପ୍ରସ୍ତୁତ କରିଥିବା ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରାଯାଇଛି। ଏହାକୁ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ଚୟନ କରାଯାଇଥିବା ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପ୍ରଧାନ କହିଛନ୍ତି। ସୂଚନା ଥାଉକି, ଗତବର୍ଷ କୋଭିଡ୍ କଟକଣା ଯୋଗୁ ଅନ୍‌ଲାଇନରେ ବିଜ୍ଞାନ ମେଳାରେ ମଧ୍ୟ ବିଷ୍ଣୁପ୍ରିୟାଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା।

# ଅଣ୍ଡାଇଲୋ ମଧୁଗଣେଶ ପୂଜା



ଅଣ୍ଡାଇଲୋ ଗ୍ରାମରେ ପୂଜା ପାଉଥିବା ମଧୁଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।

**ଖଇରା, ୧୧।୪(ଡି.ଏନ.ଏ.)**

ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଣ୍ଡାଇଲୋ ଗ୍ରାମରେ ମଧୁଗଣେଶ ପୂଜା ଗ୍ରାମବାସୀଙ୍କ ସହଯୋଗରେ ଆରମ୍ଭ ହୋଇଛି। ଚତୁର୍ଥୀ ଦିବସରେ ଗ୍ରାମର ମନ୍ଦରଧର ନାୟକ, ନିରଞ୍ଜନ ବିଶ୍ୱାଳ, ପୁରସ୍ତମ ଜେନା, ଭରତ ପୃଷ୍ଟିଙ୍କ ଦ୍ୱାରା ଗାଁ ପୋଖରୀରୁ ଘଟ ଉତ୍ତୋଳନ କରାଯାଇଥିଲା। ପୂଜକ ରବୀନ୍ଦ୍ର କୁମାର ଦାଶ ଓ ଶରତ କୁମାର ପଣ୍ଡାଙ୍କ ଦ୍ୱାରା ଗଣେଶଙ୍କର ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ ସହ ଶନିବାର ଅଷ୍ଟମୀ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ମଞ୍ଚସ୍ଥ ହୋଇଥିଲା। ରବିବାର ନବମୀ ପୂଜା ପରେ ସନ୍ଧ୍ୟାରେ ଦର୍ଶକ ମେଲୋଡି ମଜା ନେଇଥିଲେ। ଯୁବନେତା ମାନସ ଭଞ୍ଜ, ପ୍ରଭାକର ନାୟକ, ମହେନ୍ଦ୍ର ପୃଷ୍ଟି, ଅକ୍ଷିତ ଜେନା, ନରେନ୍ଦ୍ର ସାମଲ, ଚିନ୍ତାମଣି ବିଶ୍ୱାଳ, ପଦ୍ମନାଭ ପୃଷ୍ଟିଙ୍କ ସମେତ ସମସ୍ତ ଗ୍ରାମବାସୀ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

# ଆତ୍ମରକ୍ଷା କୌଶଳ ଶିଖିଲେ ୨୨୦ ଛାତ୍ରୀ

**ଠାକୁରମୁଣ୍ଡା, ୧୧।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ମା’ ବସୁଳି ଯୁକ୍ତ ୨ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ୨ଟି ପର୍ଯ୍ୟାୟରେ ୨୨୦ ଛାତ୍ରୀ ତାଲିମ ନେଇଛନ୍ତି। ଖେଳ ଶିକ୍ଷକ କାହ୍ନୁରୁ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ସବିତା ପାତ୍ର ଓ ବାସନ୍ତୀ ମହାନ୍ତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଚିତ୍ତରଞ୍ଜନ ନାଏକ, ମୁଖ୍ୟବକ୍ତା ଅନ୍ତର୍ଜାତୀୟ ଶିଳ୍ପୀ ମାନସ ଜେନା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶ୍ୱିନୀ ବାରିକ ଓ ବସନ୍ତ ଦାସ ଯୋଗ ଦେଇଥିଲେ। ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ନିର୍ବାଚନ ପରେ ଚମ୍ପୁଆ ଏନ୍‌ଏସିର ପ୍ରଥମ ବୈଠକ

**ଚମ୍ପୁଆ, ୧୧।୪(ଡି.ଏନ୍.ଏ)**

ନବ ନିର୍ବାଚିତ କାଉନସିଲରଙ୍କୁ ନେଇ ସୋମବାର ଚମ୍ପୁଆ ଏନ୍‌ଏସିରେ ପ୍ରଥମ କାଉନସିଲିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୩ ଗୋଟି ୱାର୍ଡର କାଉନସିଲର ସମେତ ଉପାଧ୍ୟକ୍ଷ ସୁମିତ୍ରା ବେହେରା ଓ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ସୁନ୍ଦର ଚମ୍ପୁଆ ଓ ବିକାଶ ଚମ୍ପୁଆ ଗଠନ ନିମନ୍ତେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାର ପ୍ରତିଶ୍ରୁତି ପରେ କାଉନସିଲରମାନେ ନିଜ ନିଜ ୱାର୍ଡର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ବିଶେଷ ଭାବେ ପାନୀୟ ଜଳ, ରାସ୍ତା ଘାଟ ଓ ସ୍ୱଚ୍ଛତା ଉପରେ ପ୍ରାଥମିକତା ଦିଆଯିବା ସହ ସମସ୍ତ କାଉନସିଲର ନିଜ ନିଜ ୱାର୍ଡର ଜନସାଧାରଣଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦେବେ ବୋଲି ଅଧ୍ୟକ୍ଷ ସାହୁ ସୂଚନା ଦେଇଥିଲେ। ବିଶେଷ ଭାବରେ ୱାର୍ଡ ଗୁଡିକରେ ଥିବା କମ୍ୟୁନିଟି ଟଏଲେଟ୍, ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କର ଫଟୋ ଉଠା କାର୍ଯ୍ୟକ୍ରମ, ପ୍ରମୁଖ ରାସ୍ତା ଗୁଡିକ ତୁରନ୍ତ ନିର୍ମାଣ କରିବା, ଭାରିଯାନ ଉପରେ ନିଷେଧାଦେଶ ଜାରି କରିବା ଉପରେ କାଉନସିଲରମାନେ ମତ ଦେଇଥିବା ବେଳେ ତୁରନ୍ତ ଏହାର ସମାଧାନ ପାଇଁ ଅଧ୍ୟକ୍ଷ ସାହୁ ନିର୍ବାହୀ ଅଧିକାରୀ ସାହାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଚିତ୍ର କର୍ମଶାଳା ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୧୧।୪**




ଚିତ୍ର କର୍ମଶାଳାରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଚିତ୍ର କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ୯୩ ଛାତ୍ରୀଛାତ୍ର ଓ ୧୨ଜଣ ଅଧ୍ୟାପିକା, ଅଧ୍ୟାପକ ସାମିଲ ହୋଇଛନ୍ତି। କର୍ମଶାଳାରେ ଛାତ୍ରୀଛାତ୍ରମାନେ ବାଲେଶ୍ୱରର ଐତିହ୍ୟ, କଳା, ସଂସ୍କୃତି ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଚିତ୍ର ଅଙ୍କନ କରୁଥିବା ଦେଖିବାକୁ ମିଳିଛି।

ମହାବିଦ୍ୟାଳୟ ସଭାପତି ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ଜୁନ୍ ୩ରୁ ୫ତାରିଖ ପର୍ଯ୍ୟନ୍ତ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ ହେବ। କର୍ମଶାଳାରେ ତିଆରି ହୋଇଥିବା ଚିତ୍ରଗୁଡ଼ିକୁ ପ୍ରଦର୍ଶନ କରାଯିବା ସହ ଜନସାଧାରଣଙ୍କ ନିକଟରେ ଉଚିତ୍ ମୂଲ୍ୟରେ ପହଞ୍ଚାଇବାର କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ଛାତ୍ରୀଛାତ୍ରଙ୍କର ଚିତ୍ରକଳାକୁ ପ୍ରଦର୍ଶନୀ ମାଧ୍ୟମରେ ପହଞ୍ଚାଇବାର ପ୍ରୟାସ କରିବା ସଙ୍ଗେ ସଙ୍ଗେ ସହଯୋଗର ହାତ ବଢ଼ାଇବାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ସଭାଗୃହରେ ଦୁଇଟି ଏସି ଦେବା ପାଇଁ ଘୋଷଣା କରି ଜିଲାରେ ପ୍ରତ୍ୟେକ ବିଦ୍ୟାଳୟରେ ୧୦ଗୋଟି ଚିତ୍ର ଲଗାଇବାର ଏକ ପ୍ରସ୍ତାବ ଜିଲାପାଳଙ୍କୁ ଦେଇ ଛାତ୍ରୀଛାତ୍ରମାନଙ୍କ ଚିତ୍ର ବିକ୍ରୟ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଥିଲେ। ମହାବିଦ୍ୟାଳୟ ସମ୍ପାଦକ ସଂଗ୍ରାମ କୁମାର ଦାସ , ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ଚିତ୍ର କର୍ମଶାଳାର ଆଭିମୁଖ୍ୟ ଓ ଓଡ଼ିଶା ପର୍ଯ୍ୟଟନ ସଂସ୍କୃତି ବିଭାଗ ଅର୍ଥ ପ୍ରଦାନ କରୁଥିବାରୁ ଏହି କର୍ମଶାଳା ସମ୍ଭବ ବୋଲି ପ୍ରକାଶ କରିଥିଲେ। ସଭ୍ୟ ମଧୁସୂଦନ ଦାସ ବାଲେଶ୍ୱର ଜିଲାରେ ପରିଚିତ ନ ଥିବା ଅନେକ ଐତିହ୍ୟ, ପର୍ଯ୍ୟଟନସ୍ଥଳୀ ଓ କଳା ସଂସ୍କୃତିକୁ ଚିତ୍ର ମାଧ୍ୟମରେ ପ୍ରକାଶର ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ସଭ୍ୟ ବିଷ୍ଣୁ ପ୍ରସାଦ ମହାନ୍ତି ଓ ବିପ୍ଳବ ମହାନ୍ତି ଉପସ୍ଥିତ ଥିଲେ।

